# Akashvani, Sambalpur

## SAMBALPURI NEWS BULLETIN

### 19 June 2025- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ- ବୌଦ୍ଧ ଟ୍ରେନ୍ ଶୁଭାରମ୍ଭ                    ବୌଦ୍ଧ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଓଡ଼ିଶା ଗସ୍ତ ସମିଆଥି ବୌଦ୍ଧ ଜିଲ୍ଲାକେ ଟ୍ରେନ୍ ଚଲାଚଲ୍‌ର ଶୁଭାରମ୍ଭ କର୍‌ବେ । ପୂର୍ବତଟ ରେଲ୍‌ବାଇର୍ ସୂଚ୍‌ନା ଅନ୍‌ସାରେ ପହେଲା ଖେପେ ବୌଦ୍ଧ ଜିଲ୍ଲାକେ ୩ ଟା ଟ୍ରେନ୍ ଚଲାଚଲ୍ କର୍‌ବା । ୨ ଟା ସାପ୍ତାହିକ୍ ଟ୍ରେନ୍ ବୌଦ୍ଧ-ଭୁବ୍‌ନେଶ୍ୱର୍ ଆଉ ବୌଦ୍ଧ- ସମ୍ବଲପୁର୍ ଆର୍ ଗୁଟେ ଫି’ଦିନିଆ ବଲାଙ୍ଗିର୍ -ସୁବର୍ଣ୍ଣପୁର୍ ପେସେଞ୍ଜର୍ ଟ୍ରେନ୍ ଚାଲ୍‌ବା । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଆଏବା କାଏଲ୍ ଇତାକେ ଉଦ୍‌ଘାଟନ୍ କର୍‌ବେ । ଟ୍ରେନ୍ ଚଲାଚଲ୍ କର୍‌ବାର୍ ଲାଗି ଗଲା ମଙ୍ଗଲ୍‌ବାର୍ ଦିନ ପେସେଞ୍ଜର୍ ଟ୍ରେନ୍‌ର ଟ୍ରାଏଲ୍ ରନ୍ କରାଯାଇଥିଲା ।

ସେଆଡ଼େ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି କମିଶନରେଟ୍ ପୁଲିସ୍ ତର୍‌ଫୁ ପ୍ରସ୍ତୁତି ଶେଷ୍ ହେଇଯାଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ସୁରକ୍ଷାଥି ଶହେ ୩୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହେବେ ବଲି ପୁଲିସ୍ କମିଶନର୍ ସୂଚ୍‌ନା ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଆଏବାକାଏଲ୍

ଭୁବ୍‌ନେଶ୍ୱର୍, କଟକ୍‌ର ସବୁ ବିଦ୍ୟାଳୟ ବନ୍ଦ୍ ରହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଅନ୍ତର୍ଜାତୀୟ ଯୋଗ ଦିବସ                    ପି.ଆଇ.ବି.

ଅନ୍ତର୍ଜାତୀୟ ଯୋଗ ଦିବସ୍ -୨୦୨୫ ଥି ଜନସହଭାଗିତାର୍ ନେତୃତ୍ୱ ନେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍‌ପଂଚ୍‌ମାନ୍‌କୁ ନିବେଦନ୍ କରିଛନ୍ । ଯୋଗ ଖାଲି ଭାରତ୍ ନୁହେଁ ସାରା ପୁର୍‌ଥିର୍ ଲୁକ୍‌କର୍ ଜୀବନ୍‌ଥି ପରିବର୍ତ୍ତନ୍ ଆନିଛେ ଆଉ ଇଟାକେ ଆହୁରି ବ୍ୟାପକ୍ କର୍‌ବାର୍ ଲାଗି ସର୍‌ପଂଚ୍ ମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ଚିଠି ଜରିଏ ଆହ୍ୱାନ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆହ୍ୱାନ୍ ଉତ୍‌ରୁ ସାରା ଦେଶେ ପଂଚାୟତ୍‌ମାନ୍‌କେ ଯୋଗ ଦିବସ୍ ଲାଗି ଉସ୍‌ନାକିଥି ତୟାରି ମୁଲ୍ ହେଇଯାଇଛେ ବଲି ଆୟୁସ୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଧବ୍ କହିଛନ୍ ।

ପର୍‌ଫର୍‌ମାନ୍ସ ଗ୍ରେଡିଙ୍ଗ୍ ଇଣ୍ଡେକ୍ସ              ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ବାହାରିଥିବା ପର୍‌ଫର୍‌ମାନ୍ସ ଗ୍ରେଡିଙ୍ଗ୍ ଇଣ୍ଡେକ୍ସ ତାଲିକାଥି ସବୁନୁ ଭଲ୍ ପ୍ରଦର୍ଶନ୍ କରିଥିବା ୫ ଟା ରାଜ୍ୟ ଭିତ୍‌ରେ ଓଡ଼ିଶା ରହିଛେ । ୨୦୨୩-୨୪ ମସିହା ପର୍‌ଫର୍‌ମାନ୍ସ ଗ୍ରେଡିଙ୍ଗ୍

ଇଣ୍ଡେକ୍ସ ତାଲିକାଥି ଉତମ୍ ଟିମ୍ ବର୍ଗଥି ରାଜ୍ୟର୍ ଖାଲି ଝାର୍ସୁଗୁଡ଼ା ଜିଲ୍ଲା ଠାନ୍ ପାଇଛେ । ସେନ୍ତା ପ୍ରଚେଷ୍ଟା-୧ ବର୍ଗଥି ରାଜ୍ୟର୍ ୨୪ ଟା ଜିଲ୍ଲା ରହିଥିଲା ବେଲ୍‌କେ ପ୍ରଚେଷ୍ଟା-୨ ବର୍ଗଥି ୫ ଟା ଜିଲ୍ଲା ରହିଛେ ।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀ-ବୁଝାମଣା ସ୍ୱାକ୍ଷରିତ୍ ପି.ଆଇ.ବି.

ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନ୍‌କୁ ସମାନ୍ ଶିକ୍ଷା ଦେବାର୍ ଲାଗି ଗଲାକାଏଲ୍ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରଣାଳୟ, ଏନ୍‌ଆଇଓଏସ୍ ଆର୍ ଏନ୍‌ସିଇଆର୍‌ଟି, ବିଦ୍ୟାଳୟ ଶିକ୍ଷା ଆଉ ସାକ୍ଷରତା ବିଭାଗ୍ ଭିତ୍‌ରେ ଗଲାକାଏଲ୍ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନ୍‌କର୍ ଉନ୍ନତ୍ ଶିକ୍ଷାର୍ ଲାଗି ପ୍ରଭାବ୍‌ଶାଳୀ ବିକଳ୍ପ ତିଆର୍ କର୍‌ବାର୍ ଆମର୍ ଦାୟିତ୍ୱ ଆଏ ବଲି କହିଛନ୍ । ସମ୍‌କୁ ସମାନ୍ ଶିକ୍ଷା ଯୁଗେଇ ଦେବାର୍‌ଟା ଜାତୀୟ ଶିକ୍ଷାନୀତିର୍ ମୂଳ୍ ବିଚାର୍ ଆଏ ଆଉ ଇ ବୁଝାମଣାପତ୍ର ଦିବ୍ୟାଙ୍ଗ ପିଲାମାନ୍‌କୁ ସେମାନ୍‌କର୍ ଅଧିକାର୍ ସୁନିଶ୍ଚିତ୍ କର୍‌ବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରୀ ଡକ୍ଟର୍ ବୀରେନ୍ଦ୍ର କୁମାର୍ ଭିଲ୍ ଉପସ୍ଥିତ୍ ଥିଲେ ।

ଅଣଧାନ୍ ଫସଲ୍-ବିକଶିତ୍ I&PR

ରାଏଜେ ଭିନ୍ ଭିନ୍ ଫସଲ୍ର କିସମ୍ ବିକଶିତ୍ କର୍ବାର୍ ଲାଗି କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ ବିହନ ଉପକମିଟିର୍ ବୈଠକ୍ ବସିଥିଲା । ବୈଠକ୍ଥି ୩ ରକ୍ମର୍ ଅଣଧାନ କିସମ୍ କଳିଙ୍ଗ ମକା-୧ (ଖୁସି), କଳିଙ୍ଗ ସୁର୍ସୋ-୨ (ସମୃଦ୍ଧି) ଆର୍ କଳିଙ୍ଗ ସୁର୍ସୋ-୩ (ସିଦ୍ଧି) କେ ବିକଶିତ୍ କର୍ବାର୍ ଲାଗି ଅନୁମୋଦନ୍ କରାଯାଇଛେ । ଇତାର୍ସହେତେ ଭିନ୍ ଭିନ୍ ରକମ୍ର୍ ଧାନ୍କେ ବିକଶିତ୍ କର୍ବାର୍ ଲାଗି ଭିଲ୍ ଅନୁମୋଦନ୍ କରାଯାଇଛେ । ଇ ସବୁ କିସମ୍ ଜଳବାୟୁ ସହନ୍ଶୀଳ ଆଏ ଆଉ କମ୍ ସମିଆ ଭିତ୍ରେ ଅଏତ୍କା ଅମଳ କର୍ବା ବଲି ବୈଠକ୍ ନ ସୂଚ୍ନା ଦିଆଯାଇଛେ ।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ପ୍ରାକୃତିକ ବିପର୍ଯ୍ୟୟ ଆଉ ଜରୁରୀ ଥିତିର୍ ମୁକାବିଲା ଲାଗି ଗଲାକାଏଲ୍ ଟେବୁଲ୍ଟପ୍ ଅଭ୍ୟାସ୍ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ସୁଧାଂଶୁ ଭୋଇଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ଜିଲ୍ଲା ପ୍ରଶାସନ୍

ଆଉ ଭିନ୍ ଭିନ୍ ବିଭାଗ୍‌ର ଭୂମିକା ଆଉ ପ୍ରଭାବିତ୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା ହେଇଥିଲା ।

ଅନ୍ତର୍ଜାତୀୟ ଯୋଗ ଦିବସ୍-ସମ୍ବଲପୁର  ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୫ ପାଲନ୍ କର୍‌ବାର୍‌କେ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ଶେଷ୍ ହେଇଛେ । ପର୍‌ଦିନ ସଖାଲର୍ ୫ ବଜେନୁ ମା’ ସମଲେଶ୍ୱରୀ ମନ୍ଦିର୍ ପରିସର୍ ଆଉ ମହାନଦୀ ଖଁଡ଼ିଥି ସମୂହ ଯୋଗାଭ୍ୟାସ୍ ଶିବିର୍ ଆୟୋଜନ୍ କରାଯିବା । ଇଥି ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀଙ୍କର୍ ସହେତେ ଭିନ୍ ଭିନ୍ ବର୍ଗର୍ ଲୁକେ ଭାଗ୍ ନେବେ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ଯୋଗ ଅଲିମ୍ପିଆଡ୍-ସମ୍ବଲ୍‌ପୁର୍‌ର ୨/ଆର୍‌ଏନ୍‌ୟୁ ସମ୍ବଲପୁର

ତାମିଲ୍‌ନାଡୁର୍ କନ୍ୟାକୁମାରୀ ଠାନେ ହେଇଥିବା ଜାତୀୟ ଯୋଗ ଅଲିମ୍ପିଆଡ୍ ଥି ଓଡ଼ିଶା ୧୭ ବଛର୍‌ନୁ କମ୍ ବାଳିକା ଦଲ୍ ୪ ନମ୍ବର୍ ଠାନେ ରହି କରି ପୁରସ୍କୃତ୍ ହେଇଛନ୍ । ଇଥି ସମ୍ବଲ୍‌ପୁର୍‌ର ୨ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ । ସେମାନେ ହେଲେ ସିନ୍ଦୁର୍‌ପଙ୍କ୍ ଜନାର୍ଦ୍ଦନ୍ ପୂଜାରୀ ସର୍‌କାରୀ ଉଚ୍ଚବିଦ୍ୟାଳୟ ଛାତ୍ରୀ କବିତା ମାଝୀ ଆଉ ତନିଆ ନେଗୀ ।

ବିଶ୍ୱ ସିକିଲ୍‌ସେଲ୍ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ସିକିଲ୍‌ସେଲ୍ ଦିବସ୍ । ଆନ୍ତର୍ଜାତିକ ସ୍ତର୍‌ଥି ଗ୍ଲୋବାଲ୍ ଏଲାଏନ୍ସ ଅଫ୍ ସିକିଲ୍‌ସେଲ୍ ଡିଜିଜ୍ ଅର୍ଗାନାଇଜେସନ୍ ତର୍‌ଫୁ ଇ ରୋଗର୍ ସଚେତନତା ଲାଗି ଫି ବଛର୍ ଜୁନ୍ ୧୯ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ବିଶ୍ୱ ସିକିଲ୍‌ସେଲ୍ ଦିବସ୍‌ର ଇ ବଛ୍‌ରର୍ ବାର୍ତା ହେଉଛେ 'ସ୍ୱାସ୍ଥ୍ୟକର ଜୀବନ୍ ଦିଗେ ଗୁଟେ ସଚେତନ୍ ପଦକ୍ଷେପ୍' ।

ସିକିଲ୍‌ସେଲ୍ ଗୁଟେ ଆନୁବଂଶିକ ରୋଗ୍ ଆଏ, ଯେନ୍‌ଟା ମା'ବାପାର୍ ନୁ ଛୁଆମାନ୍‌କୁ ସଂକ୍ରମିତ ହେସି । ଇଥି ଲାଲ୍ ରକ୍ତକଣିକା ଅମ୍ଳଜାନ୍ ନଲୀକେ ପ୍ରଭାବିତ୍ କର୍‌ସି । ଦିହେ କୋଷମାନେ ଗୋଲ୍ ଆର୍ ନରମ୍ ଥିଲାବେଲ୍‌କେ ସେମାନ୍‌କୁ ସିକିଲ୍‌ସେଲ୍ ଦ୍ୱିତୀୟା ଜହ୍ନ ବାଗିର୍ ଆକାର୍ ବଦ୍‌ଲେଇ ଦେସି ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ପଶ୍ଚିମ ଭାଗେ ଗୁଜୁରାଟ୍ ଆର୍ ପୂର୍ବ ଭାଗେ ଦକ୍ଷିଣ ପଶ୍ଚିମ ବାଂଲାଦେଶ୍ ପାଖର୍ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପତ୍ୟକା ନ ୨ ଟା ଲଘୁଚାପ୍ ବନିଛେ । ଗାଙ୍ଗେୟ ଉପତ୍ୟକାର୍ ଲଘୁଚାପ୍ ଲାଗି ଓଡ଼ିଶାର୍

ସବୁ ଜିଲ୍ଲା ନ ବର୍ଷା ଲାଗି ରହିଛେ । ଆଏବା ଶୁକ୍ରବାର୍ ଦିନ୍ତକ୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼୍ଭାଗୀ ଜାଗା ନ ଘଡ଼୍ଘଡ଼ି ସହେତେ ବର୍ଷା ଲାଗି ରହେବା । ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବର୍ଗଡ଼୍, ସୁବର୍ଣ୍ଣପୁର୍, ଦେବ୍ଗଡ଼୍ ସହେତେ ରାଜ୍ୟର୍ ୯ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।